ମ୍ୟୁନିସିପାଲିଟି ଚିଠା ବିଜ୍ଞପ୍ତି ତାଲିକାରୁ ଛତ୍ରପୁର ବାଦ୍

# ତେଜିଲା ଜନ ଅସନ୍ତୋଷ; ଆନ୍ଦୋଳନ ଚେତାବନୀ

ଛତ୍ରପୁର,୨୩।୧୨(ସମିସ)




ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରକୁ ବାରମ୍ବାର ମ୍ୟୁନିସିପାଲିଟି ନିମନ୍ତେ ଘୋଷଣା କରାଯାଉଛି। କିନ୍ତୁ କାର୍ଯ୍ୟକାରୀ ହେଉନି। ଏଥିଲାଗି ତେଜିବାରେ ଲାଗିଛି ଜନ ଅସନ୍ତୋଷ। ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କର ନଚେତ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଲେ ନଗର ଉନ୍ନୟନ କମିଟିର ଉପସଭାପତି ଡ଼ଃ ରାଜେନ୍ଦ୍ର ଦାଶ ଏବଂ ଛାତ୍ର କଂଗ୍ରେସର ରାଜ୍ୟ ନେତା ମହେଶ କୁମାର ଗୌଡ଼। ଏହାସହିତ ପୂର୍ବତନ କାଉନସିଲର ବି. ରାଜୁବାବୁ ମଧ୍ୟ ଅନୁରୂପ ଦାବି କରିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ମ୍ୟୁନିସିପାଲିଟି ଓ ଏନ୍‌ଏସି ତାଲିକା ପ୍ରକାଶ କରି ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରାଯାଇଥିବା ବେଳେ ସୋମବାର ପ୍ରକାଶ ହୋଇଥିବା ଚିଠା ବିଜ୍ଞପ୍ତିରେ ଜିଲ୍ଲା ସଦର ମହକୁମା ଛତ୍ରପୁର ଓ ଆସିକାର ନାମ ନାହିଁ। ଭଞ୍ଜନଗର, କବିସୂର୍ଯ୍ୟନଗର ଓ ପୋଲସରାର ନାମ ରହିଛି। ଗଞ୍ଜାମ ଜିଲ୍ଲାର ସଦର ମହକୁମା ହେଉଛି ଛତ୍ରପୁର। ୧୯୫୫ମସିହାରେ ଛତ୍ରପୁର ଏନ୍‌ଏସି ଗଠନ ହୋଇଥିଲା। ଏପରିକି ପୂର୍ବରୁ ବିଜେଡ଼ି ସରକାର ଥିବା ସମୟରେ ୨୪ ଫେବୃଆରୀ ୨୦୨୪ରେ ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା ହୋଇଥିଲା। କିନ୍ତୁ ତାହା କେବଳ ଘୋଷଣାରେ ସିମିତ ହୋଇଥିଲା। ବିଜେପି ସରକାର ଆସିବା ପରେ ୩୧ଅଗଷ୍ଟ ୨୦୨୫ରେ ପୁଣି ଛତ୍ରପୁର ଏନଏସିକୁ ମୁନିସିପାଲଟି ଘୋଷଣା କରାଯାଇଥିଲା। ଯାହାଫଳରେ ସହରବାସୀ ଖୁସି ମନାଇଥିଲେ। କିନ୍ତୁ କୌଣସି ଚିଠା ବିଜ୍ଞପ୍ତି ପ୍ରକାଶ ପାଇନଥିଲା। ୨୦୧୧ ଜନଗଣନା ଅନୁସାରେ ଛତ୍ରପୁର ଏନ୍‌ଏସିରେ ୨୨ହଜାର ୨୭ରହିଥିବା ବେଳେ ଏବେ ଏହି ସଂଖ୍ୟା ୨୫ ହଜାରରୁ ଊର୍ଦ୍ଧ ହେବ। ଯାହାକି ମ୍ୟୁନିସିପାଲଟି ପାଇଁ ଯୋଗ୍ୟ ବିବେଚିତ ହୋଇପାରିବ। ମ୍ୟୁନିସିପାଲଟି ହେଲେ ସହରର ତଳି ଅଂଚଳ ମିଶିବେ ବୋଲି ଆଶା ରଖିଥିଲେ। କିନ୍ତୁ ଚିଠା ବିଜ୍ଞପ୍ତିରେ ଛତ୍ରପୁରର

**ପୂର୍ବରୁ ଦୁଇଥର ଘୋଷଣା ହୋଇଥିଲା, କାର୍ଯ୍ୟକାରୀ ନୋହିଲା**

ମ୍ୟୁନିସିପାଲଟିରେ ନାମ ନଥିବାରୁ ସହରବାସୀ ଦୁଃଖ ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ଚେତବନୀ ଦେଇଛନ୍ତି। ଦୁଇଥର ଘୋଷଣା ପରେ ଚିଠା ବିଜ୍ଞପ୍ତିରେ ନାମ ନଥିବାରୁ ସରକାରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଛତ୍ରପୁର ସବୁଠୁ ପୁରାତନ ଏନଏସି। ଜିଲ୍ଲା ସଦର ମହକୁମା ହୋଇଥିବାରୁ ଏହାର ସ୍ୱତନ୍ତ୍ରତା ରହିଥିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଅବହେଳା ହୋଇଥିବା ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

## ପୁତୁରା କାଠଫାଳିଆ ମାଡ଼ରେ ଖୁଡ଼ି ଗୁରୁତର

ଆସିକା,୨୩।୧୨(ସମିସ): ଆସିକା ଥାନା ଅନ୍ତର୍ଗତ ଆଲିପୁର ଗ୍ରାମରେ ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ଖୁଡ଼ିକୁ କାଠ ଫାଳିଆରେ ଆକ୍ରମଣ କରିଛି ପୁତୁରା। ଗୁରୁତର ଖୁଡି ହେଲେ ରୁନୁ ଜେନା। ରୁନୁ ଆଲିପୁର ଦାନପଦର ନିକଟ ଜମିରେ ପାଣିପମ୍ପ ଯୋଗେ ପାଣି ମଡାଇବା ବେଳେ ପୁତୁରା ଗାଣ୍ଡୁ ଜେନାଙ୍କ ସହ ବଚସା ହୋଇଥିଲା। ପରେ ଗାଣ୍ଡୁ କାଠ ଫାଳିଆରେ ଖୁଡି ରୁନୁକୁ ଆକ୍ରମଣ କରିଥିଲା। ଆକ୍ରମଣରେ ରୁନୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ପହଞ୍ଚି ତଦନ୍ତ କରୁଛି।

## ପୁଣି କଲେଜ ଛକରେ ଦୁର୍ଘଟଣା; ଯୁବକ ମୃତ

ଛତ୍ରପୁର,୨୩।୧୨(ସମିସ): ପୁଣି ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ। ଏପରି ଏକ ଦୁର୍ଘଟଣା ଛତ୍ରପୁର କଲେଜ ଛକ ନିକଟ ଜାତୀୟ ରାଜପଥରେଘଟିଛି। ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଧି ନୂଆପଲ୍ଲୀ ଗ୍ରାମର ରଘୁ ସ୍ୱାଇଁ ଓ ଆହତ ଜଣକ ସେହି ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ବୋଲି ସୂଚନା ମିଳିଛି। ଦୁହେଁ ଏକ ବାଇକରେ ବ୍ରହ୍ମପୁରରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଛତ୍ରପୁର କଲେଜ ଛକରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଦୁହେଁ ରାସ୍ତାରେ ଛିଟିକି ପଡ଼ିଥିଲେ। ଖବର ପାଇ ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡ଼ାଇ ଓ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ଛତ୍ରପୁର ଥାନାର ବହୁ ପୁଲିସ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏହା ସହ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ଘଟାଇ ଥିବା ଗାଡିର ସନ୍ଧାନ ମିଳିନି।

## ଦାଦାବଟି ମାଗିବା ଅଭିଯୋଗରେ ୪ ଗିରଫ



ଛତ୍ରପୁର, ୨୩।୧୨(ସମିସ): ଦାଦା ବଟି ମାଗିବା ଅଭିଯୋଗରେ ଛତ୍ରପୁର ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଖଣ୍ଡା ଜବତ କରିଛି। ଗିରଫ ମାନେ ହେଲେ ସୁନ୍ଦରପୁର ଗ୍ରାମର ପ୍ରତାପ ନାହାକ(୩୨), ବଳରାମପୁରର କେ.ଲବ ପାତ୍ର(୪୫),ବିଜୁ ଦାସ(୪୨) ଓ ଗଣେଷ ବେହେରା(୨୫)। ଏବେ ବି ଏହି ଘଟଣାରେ ଅନ୍ୟ ଦୁଇ ଜଣ ଫେରାର ଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଗତକାଲି ରାତିରେ ସୁନ୍ଦରପୁର ଅଂଚଳର କାଜୁ ବ୍ୟବସାୟୀ ପଦ୍ମଲୋଚନ ପଣ୍ଡାଙ୍କୁ ଅଭିଯୁକ୍ତମାନେ ଅଟକାଇ ଖଣ୍ଡା ଦେଖାଇ ଦାଦାବଟି ମାଗିଥିଲେ। ପରେ ତାଙ୍କ ଘରକୁ ଯାଇ ଭଙ୍ଗାରୁଜା କରିବା ସହ ଗାଡ଼ିକୁ ଭାଙ୍ଗିଥିଲେ। ଘଟଣାକୁ ନେଇ ପଦ୍ମଲୋଚନ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରତାପ ଓ କେ .ଲବ ପାତ୍ରଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧୀକ ମାମଲା ରହିଛି।

## ଛାତ୍ରୀଙ୍କୁ ଦୁର୍ବ୍ୟବହାର; ଶିକ୍ଷକ ନିଲମ୍ବିତ

ଆସିକା,୨୩।୧୨(ସମିସ): ନିଲମ୍ବିତ ହେଲେ ଶିକ୍ଷକ ସୂର୍ଯ୍ୟ ନାରାୟଣ ନାହାକ। ଆସିକା ବାଲିଛାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୧୧ ତାରିଖରେ ସ୍କୁଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଏବଂ ଅନ୍ୟଜଣେ ଛାତ୍ରୀଙ୍କୁ ମାଡ଼ ମାରିବା ନେଇ ଆସିକା ଥାନାରେ ମାମଲା ରୁଜୁ ହୋଇଥିଲା। ଏପରିକି ଏହି ଘଟଣାକୁ ନେଇ ସ୍କୁଲରେ ବି ଅଭିଭାବକ ପହଞ୍ଚି ପାଟିତୁଣ୍ଡ କରିବା ସହ ଶିକ୍ଷକଙ୍କୁ ମଧ୍ୟ ଉତ୍ତମ ମଧ୍ୟମ ଦେଇଥିଲେ। ପରେ ସ୍କୁଲରେ ପୁଲିସ ପହଁଚି ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଅଣାଯାଇଥିଲା। ଏସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିଲା। ସେହି ଘଟଣାରେ ଆସିକା ବ୍ଲକ ଶିକ୍ଷାଧିକାରୀ ମୁନୁରାଣୀ ମହାନ୍ତି ଶିକ୍ଷକ ସୂର୍ଯ୍ୟଙ୍କୁ ନିଲମ୍ବିତ କରିଛନ୍ତି। ଏହି ନିଲମ୍ବନରେ ସେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାମ କରିବାକୁ ବି ନିର୍ଦ୍ଦେଶ ରହିଛି।

## କୂଅରୁ ମହିଳା ଉଦ୍ଧାର

ବ୍ରହ୍ମପୁର,୨୩।୧୨: ଗୋଷାଣିନୂଆଗାଁ ଦଶଘରିଆ ସାହିର ଜଣେ ମହିଳାଙ୍କୁ ଏକ କୂଅ ଭିତରୁ ଉଦ୍ଧାର କରିଛି। ଅଗ୍ନିଶମବାହିନୀ। ଅଗ୍ନିଶମ କର୍ମଚାରୀ ମଙ୍ଗଳବାର ସନ୍ଧ୍ୟାରେ ସଂପୃକ୍ତ ମହିଳାଙ୍କୁ କୂଅରୁ ଜୀବିତ ଉଦ୍ଧାର କରିବା ପରେ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନାପ୍ରକାରେ, ଦଶଘରିଆ ସାହିର ଜଣେ ୩୫ ରୁ ୪୦ ବର୍ଷୀୟ ମହିଳା ମଙ୍ଗଳବାର ସନ୍ଧ୍ୟାରେ ଘର ନିକଟରେ ଥିବା କୂଅକୁ ଡେଇଁ ପଡିଥିଲେ। ଏହାଦେଖି ମହିଳାଙ୍କ ପରିବାର ଲୋକେ ଚିତ୍କାର କରିଥିଲେ। ସାହିବାସିନ୍ଦା ଅଗ୍ନିଶମ ବାହିନୀଙ୍କୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ।

## କୁହୁଡ଼ି ଯୋଗୁ ଦୁର୍ଘଟଣା, ଡ୍ରାଇଭର ଆହତ



ଆସିକା,୨୩।୧୨(ସମିସ): ଗଞ୍ଜାମ ଜିଲ୍ଲା ଆସିକା ଥାନା ପାକଲାପଲ୍ଲୀ ଛକ ନିକଟରେ କୁହୁଡି ଯୋଗୁ ଦୁର୍ଘଟଣା ଘଟିଛି। ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ପରିବା ବୋଝେଇ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ଚାଳକ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ବରଗଡ଼ ଅଞ୍ଚଳର ଅଭିଷେକ ଦାସ। ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭ୍ୟାନରେ ପରିବା ବୋଝେଇ ହୋଇ ବଡ଼ଗଡ଼ରୁ ହିଂଜିଳି ଯାଉଥିବା ବେଳେ ଭୋରରେ ଘଟିଛି ଏହି ଦୁର୍ଘଟଣା।

## ବିଶ୍ୱ ମଙ୍ଗଳ ପାଇଁ ପଶ୍ଚିମବଙ୍ଗରୁ ତାମିଲନାଡୁ ଅଷ୍ଟାଙ୍ଗ ପ୍ରଣିପାତ ଯାତ୍ରା



ଗଞ୍ଜାମ,୨୩।୧୨(ସମିସ): ବିଶ୍ୱ ମଙ୍ଗଳ ପାଇଁ ପଶ୍ଚିମବଙ୍ଗର ଦୁଲାଲ ବେହରାଙ୍କ ପୁତ୍ର ତରୁଣ ବେହରା ଜାତୀୟ ରାଜପଥରେ ଅଷ୍ଟାଙ୍ଗ ପ୍ରଣିପାତ କରି କରି ତାମିଲନାଡୁ ଅଭିମୁଖେ ଯାଉଛନ୍ତି। ବ୍ୟକ୍ତି ଜଣଙ୍କ କିଛିଦୂର ପ୍ରଣିପାତ କରି ଯିବାପରେ ନିଜର ଏକ ସାଇକଲରେ ରଖିଥିବା ଆବଶ୍ୟକୀୟ ସାମଗ୍ରୀ ନେଇ ଯାଉଥିବା ଲକ୍ଷ୍ୟ କରାଯାଉଥିଲା। ତାମିଲନାଡୁ ଆଦିଯୋଗୀ ମହାଦେବ ମନ୍ଦିର ପ୍ରାୟ ୧୯୫୦କିଲୋମିଟର ପଡୁଥିବା ବେଳେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଖେଜୁରିଠାରୁ ବାହାରି ଥିବା ସେ ସୂଚନା ଦେଇଥିଲେ। ସେ ଜଣେ ମହାକାଳ ଭକ୍ତ ହୋଇଥିବା ବେଳେ ମାନବ ସମାଜର ମଙ୍ଗଳ ପାଇଁ ଏହି ଐତିହାସିକ ଯାତ୍ରା କରୁଥିବା କହିଛନ୍ତି। ଗଞ୍ଜାମ ସହର ନିକଟସ୍ଥ ଜାତୀୟ ରାଜପଥରେ ଓଡିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

## ବିଷ ପାନକରି ମହିଳାଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା,୨୩।୧୨(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଚିକରଡା ଗ୍ରାମରେ ପରିବାର କଳହକୁ ନେଇ ମାନସିକ ଭାରସାମ୍ୟ ହରାଇ ବିଷପାନ କରି ସ୍ତ୍ରୀ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ପି. ସାବିତ୍ରୀ ରେଡି (୬୦)। ସୂଚନାପ୍ରକାରେ, ଚିକରଡା ଗାଁର ପି. ବୈରାଗୀ ରେଡି ଓ ତାଙ୍କ ସ୍ତ୍ରୀ ପି ସାବିତ୍ରୀ ରେଡିଙ୍କ ମଧ୍ୟରେ ପୂର୍ବାହ୍ନରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଅନ୍ୟ ଏକ କୋଠରୀକୁ ଯାଇ ସାବିତ୍ରୀ ଯାଇ ବିଷ ପିଇ ଦେଇଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ସାବିତ୍ରୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ପଠେଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୨୩।୧୨(ସମିସ): ବେଲଗୁଣ୍ଠା ସ୍ଥିତ ବେଲଗୁଣ୍ଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି ଦକ୍ଷିଣ- ପୂର୍ବ ସମ୍ଭାଗ ସମ୍ପାଦକ ଦୀପକ କୁମାର ମହାରଣା ଯୋଗ ଦେଇଥିଲେ ଓ ସେହିପରି ସମ୍ମାନିତ ଅତିଥି ରୂପେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ସ୍ଥାନୀୟ ସିଆରସିସି ରମେଶ କୁମାର ପାଣିଗ୍ରାହୀ ,ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର,ଅନୁଷ୍ଠାନ ସମ୍ପାଦକ ପବିତ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି



କୁକୁଡ଼ାଖଣ୍ଡି,୨୩।୧୨(ସମିସ): କୁକୁଡାଖଣ୍ଡି ବ୍ଲକ ଗୁରୁଣ୍ଟି ପଞ୍ଚାୟତ ପରିସରରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ସରପଞ୍ଚ ବି. ମାଗଦା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଯୋଗ ଶୁଣାଣିରେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ତହସିଲଦାର ରାଜକିଶୋର ପଟ୍ଟନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥ, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ସମିତିସଭ୍ୟା ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମର ଲୋକେ ଅଧିକାଂଶ ଅଭିଯୋଗ କରିଥିଲେ। ପୂର୍ବରୁ ରହିଥବା ସମସ୍ତ ସମସ୍ୟା ଅତିଶୀଘ୍ର ସମାଧାନ ହେବ ବୋଲି ଏଠାରେ କୁହାଯାଇଛି।

## ନକଲି ଚେକ୍ ଦେଇ ମହିଳାଙ୍କ ଠାରୁ ଠକେଇ; ଜଣେ ଗିରଫ

ଖଲ୍ଲିକୋଟ,୨୩।୧୨(ସମିସ): କେତେବେଳେ ନିଜକୁ ଜିଲ୍ଲାପାଳଙ୍କ ଅଫିସର କର୍ମଚାରୀ ତ କେତେବେଳେ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ମହିଳାଙ୍କୁ ଠକୁଥିଲେ। ୪ ଲକ୍ଷ ୫୦ ହଜାର ଟଙ୍କାର ନକଲି ଚେକ ଦେଇ ମହିଳା ମାନଙ୍କଠାରୁ ନଗଦ ଟଙ୍କା ଓ ସୁନା ଗହଣା ଲୁଟି ନେଇ ଫେରାର ହୋଇ ଯାଉଥିଲା। ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଓ ରମ୍ଭା ଥାନା ସମେତ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଓ ନିରାକାରପୁର ଥାନା, ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଓ ରଣପୁର ଥାନା ଅଞ୍ଚଳରେ ମହିଳା



ମାନଙ୍କଠାରୁ ଏଭଳି ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ଏବେ ସମ୍ପୃକ୍ତ ଠକ ଧରା ପଡିଛି ଖଲ୍ଲିକୋଟ ପୁଲିସ ହାତରେ। ଗିରଫ ଠକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ଜ୍ଞାନ ରଞ୍ଜନ ଦାସ(୫୯)। ତା' ଠାରୁ ପୁଲିସ ନଗଦ ୧ ଲକ୍ଷ ୩୭ ହଜାର ୧ ଶହ ଟଙ୍କା, ଦୁଇ ଯୋଡ଼ା ସୁନା କାନ ଫୁଲ, ଏକ ସୁନା ଚେନ, ଗୋଟିଏ ସୁନା ଚେକା, ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ବ୍ଲାଙ୍କ ଚେକ ଜବତ କରିଛି। ଚଳିତ ମାସ ୩ ତାରିଖ ରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଓଡ଼ିଆ ଆଲପୁର ଗ୍ରାମର ବାସନ୍ତୀ ନାହାକ (୬୦) ଘରେ ଏକୁଟିଆ ଥିବାବେଳେ ଠକ ଜଣକ ତାଙ୍କ ଘରକୁ ଯାଇ କେଶପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର କର୍ମଚାରୀ କହି ୪ଲକ୍ଷ ୫୦ ହଜାର ଟଙ୍କାର ଏକ ନକଲି ଚେକ ଦେବା ସହ ଆବାସ ଯୋଜନାରେ ସରକାର ଏହି ଟଙ୍କା ମଞ୍ଜୁର କରିଛନ୍ତି ଓ ୫୦ ହଜାର ଟଙ୍କା ଦେଲେ ଏହି ଟଙ୍କା ତୁମେ ବ୍ୟାଙ୍କରୁ ଉଠେଇ ପାରିବ ବୋଲି କହିଥିଲେ। ବିଶ୍ୱାସ କରି ବୃଦ୍ଧା ବାସନ୍ତୀ ୫୦ ହଜାର ଟଙ୍କା ଦେଇଥିଲେ। ମୁଁ ଆଗରେ ଯାଉଛି ତୁମେ ବ୍ୟାଙ୍କ କୁ ଆସ ବୋଲି କହି ଠକ ଜ୍ଞାନରଞ୍ଜନ ସେଠାରୁ ଫେରାର ହୋଇଯାଇଥିଲେ। ବ୍ୟାଙ୍କକୁ ଯାଇ ଚେକଟି ନକଲି ଓ ସେ ଠକେଇର ଶୀକାର ହୋଇଥିବା ଜାଣିପାରି ଭେଜିପୁଟ ଫାଣ୍ଡିରେ ଏତଲା ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପ୍ରମୁଖଙ୍କ ନେଇ ଏକ ପୁଲିସ ଟିମ ଗଠନ ହୋଇଥିଲା। ପୁଲିସ ବିଭିନ୍ନ ଜାଗାରେ ଚଢ଼ଉ କରି ଠକ ଜ୍ଞାନରଞ୍ଜନକୁ ଆଜି ଗିରଫ କରିଛି।

## ଧରାକୋଟରେ ଧାନମଣ୍ଡିର ଶୁଭାରମ୍ଭ




ଧରାକୋଟ,୨୩।୧୨(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକରେ ଆଜି ୫ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଜାନବିଲି ସ୍ଥିତ ଆରଏମସି ଗୋଦାମ ପରିସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମଣ୍ଡିର ଉଦଘାଟନ କରିଥିବା ବେଳେ ତହସିଲଦାର ଲମ୍ବୋଦର ମାରାଣ୍ଡି ,ସମବାୟ ସମ୍ପ୍ରସାରଣ ଅଧିକାରୀ ବିନୋଦା ନାହାକ,ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ସୁବାସ ଚରଣ ଖୁଣ୍ଟିଆ, ପଞ୍ଚାନନ ଗୌଡ଼, ମହିଳା ଚାଷୀ ସୁଷମା ଗନ୍ତାୟତ, ପ୍ରତିମା ପାଣିଗ୍ରାହୀ, ଭଗବାନ ସ୍ୱାଇଁ, ରାମଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ବ୍ଲକରେ ୧୮ ପଞ୍ଚାୟତ ଥିବା ବେଳେ ପନ୍ଦରସେବା ସମବାୟ ସମିତି ଓ ପାଞ୍ଚ ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରିବେ। ପ୍ରଥମ ଦିନରେ ଆଜି ଜଗମୋହନ, ମୁଣମରାଇ, ହରିପୁର, ବରଡାବିଲି ଓ ଧରାକୋଟ ସମିତିର ମଣ୍ଡି ଖୋଲାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ରାଜେନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ପ୍ରକାଶ ବାରିକ ମଣ୍ଡିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ। ଉମା ଚରଣ ବିଷୋୟୀ, ବିପ୍ର ସ୍ୱାଇଁ ଓ ଧର୍ମେନ୍ଦ୍ର ସାହୁଙ୍କ ସମେତ ସମସ୍ତ ସମ୍ପାଦକ ସହଯୋଗ କରିଥିଲେ।

## ମା' ତାରାତାରିଣୀଙ୍କ ପୀଠରେ ଜିଲ୍ଲା ପ୍ରଶାସନର ବୈଠକ

ପୁରୁଷୋତ୍ତମପୁର,୨୩।୧୨(ସମିସ): ବର୍ତ୍ତମାନ ପର୍ଯ୍ୟଟନ ଋତୁ ତଥା ଆଉ କିଛିଦିନ ପରେ ନୂଆବର୍ଷ। ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ପର୍ଯ୍ୟଟକଙ୍କ ଗହଳି ଲାଗିବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ



ନିର୍ଦ୍ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏନେଇ ଆଜି ମନ୍ଦିର ପରିସରରେ ଛତ୍ରପୁର ଉପ- ଜିଲ୍ଲାପାଳ ଶୁବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରା ମନ୍ଦିରର ଦାୟିତ୍ୱ ନେବା ପରେ ଏହା ପ୍ରଥମ ବୈଠକ ହୋଇଥିବା ବେଳେ ଏଥିରେ ପୁଲିସ ପ୍ରଶାସନ ଠାରୁ ଆରମ୍ଭ କରି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ମନ୍ଦିରର ସେବାୟତମାନେ ଯୋଗ ଦେଇଥିଲେ। ବୈଠକରେ ମନ୍ଦିରର ଉନ୍ନତି ଓ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସମସ୍ତ ଅଧିକାରୀ ମତ ପ୍ରଦାନ କରି ଅନେକ ନିଷ୍ପତ୍ତି ନିଆଯାଇଛି। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଦୀପ ଜାଳିବାକୁ ବାରଣ କରାଯାଇଛି। ମନ୍ଦିର ପରିସସର ସିସି କ୍ୟାମେରା ସୁଚାରୁ ରୂପେ ଚାଲିବା ନେଇ ନିଷ୍ପତ୍ତି, ସେବାୟତମାନେ ଭକ୍ତମାନଙ୍କଠାରୁ ଦକ୍ଷିଣା ସଂଗ୍ରହକୁ ବାରଣ, ମନ୍ଦିର ଗର୍ଭ ଗୃହକୁ ଭକ୍ତଙ୍କ ବାରଣ, ମନ୍ଦିର ଭିତରର ଫଟୋ ଉତ୍ତୋଳନ ବାରଣ, ମୋବାଇଲ ମନା, ମାଦକ ସେବନ କରି ମନ୍ଦିର ଭିତରେ ପ୍ରବେଶ ନିଷେଧ, ପାହାଡ ଉପରକୁ ମା'ଙ୍କ ଦର୍ଶନ ପାଇଁ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ରିହାତି, ମନ୍ଦିରର ତଳ ଭାଗରେ ଏକ ସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ ଭଳି ଅନେକ ନିଷ୍ପତ୍ତି ନେଇଛି ଜିଲ୍ଲା ପ୍ରଶାସନ। ବୈଠକରେ ଛତ୍ରପୁର ଉପ-ଜିଲ୍ଲାପାଳଙ୍କ ସମେତ ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାର କେ. ଦେବାଶିଷ ମହାପାତ୍ର, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ରାଜେଶ କୁମାର ନାୟକ, ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ସମସ୍ତ ସେବାୟତ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଲିସ୍ କବ୍‌ଜାରେ ୨ ବାଇକ୍ ଚୋରି ଗ୍ୟାଙ୍ଗ

### ୬ ଗାଡ଼ି ଜବତ, ପୁଲିସ ହେପାଜତ୍‌ରେ ୨ ନାବଳକଙ୍କ ସମେତ ୫

ଛତ୍ରପୁର,୨୩।୧୨(ସମିସ)



ଛତ୍ରପୁର ପୁଲି ଦୁଇ ବାଇକ୍ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି ପୁଲିସ। ସେମାନଙ୍କ ନିକଟରୁ ୬ ବାଇକ୍ ଜବତ କରିଥିବା ବେଳେ ଦୁଇ ନାବଳକ ସମେତ ୫ଜଣ ଏଥିରେ ସମ୍ପୃକ୍ତ ଅଛନ୍ତି। ଗିରଫ ମାନେ ହେଲେ ବ୍ରହ୍ମପୁର ସଦର ଥାନା ଲାଠି ଅଂଚଳର ଆକାଶ କୁମାର ମହରଣା(୨୦), ଶିବରାମ ପ୍ରଧାନ(୨୦) ଓ ସୁଭମ ସେଠୀ(୧୯) ଓ ଅନ୍ୟ ଦୁଇ ଜଣ ଦିଗପହଣ୍ଡି ବନ୍ଥପଲ୍ଲୀ ଅଂଚଳର ବୋଲି ଛତ୍ରପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ।

ସୂଚନା ଥାଉ କି, ଛତ୍ରପୁର ଥାନା ଅଂଚଳରେ କିଛିଦିନ ହେଲା ବାଇକ ଚୋରି ବଢ଼ିଥିଲା। ନଭେମ୍ବର ପହିଲାରେ ପିଲ୍ଲୀ ବନ୍ଧ ସ୍ଥିତ ଭାରତ ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟ ନିକଟରୁ ମନୋଜ କୁମାର ମିଶ୍ରଙ୍କ ଏକ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ୧୮ ଡିସେମ୍ବର ରେଡିସାହି ନିକଟରୁ ସୁବାସ ପ୍ରଧାନଙ୍କ ଗାଡ଼ି ଓ ଦେବଦତ୍ତ ପଣ୍ଡାଙ୍କ ଗାଡ଼ି ଚୋରି ହୋଇଥିଲା ଏବଂ ଏସମ୍ପର୍କରେ ମାମଲା ରୁଜୁ ହୋଇଥିଲା। ଏନେଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇ ଲାଠି ଅଂଚଳରୁ ୩ ଜଣଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୫ ଟି ଗାଡି ଓ ବନ୍ଥପଲ୍ଲୀ ଅଂଚଳରୁ ଦୁଇ ନାବଳକଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ଗୋଟିଏ ଗାଡ଼ି ଜବତ କରାଯାଇଥିଲା। ଜବତ ୬ ଗାଡ଼ି ମଧ୍ୟରୁ ୩ଟି ଗାଡ଼ି ଛତ୍ରପୁର ଥାନା ଅଂଚଳର ହୋଇଥିବା ବେଳେ ଅନ୍ୟ ୩ଟି ଅନ୍ୟ ଥାନା ଅଂଚଳର ବୋଲି ଥାନା ଅଧିକାରୀ କହିଛନ୍ତି। ଜବତ ଗାଡି ଗୁଡିକୁ ଗାଡି ମାଲିକଙ୍କୁ ଫେରସ୍ତ କରାଯାଇଛି। ଏବେବି ଛତ୍ରପୁର ଅଞ୍ଚଳରେ ବହୁ ଗାଡ଼ି ଚୋରି ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

